# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଖରିଫ୍ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆଜିଠାରୁ ରାଜ୍ୟରେ ଆରମ୍ଭ ହେଲା ଚାଷୀ ପଞ୍ଜୀକରଣ ପ୍ରକ୍ରିୟା
- 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅଧୀନରେ କଟକଠାରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଂଚଳରେ ଘଟିଥିବା ଅଘଟଣର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ; କହିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ନୂଆପଡା ଜିଲ୍ଲା 'ହର ଘର ନଲ-ହର ଘର ଜଲ' ଯୋଜନାର ସଫଳ ରୂପାୟନ କରି ଦେଶରେ ପାଇଛି ପ୍ରଥମ ସ୍ଥାନ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବର୍ଷା

# ଚାଷୀ ପଞ୍ଜୀକରଣ

ଖରିଫ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆଜିଠାରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ ଚଳିତବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ । ଏଥିରେ ପୂର୍ବବର୍ଷର ନବୀକରଣ କରାଯିବ ନାହିଁ । ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି କିମ୍ବା ଅଣଧାନ ଚାଷ ହୋଇଥିବା ଜମିକୁ ପଞ୍ଜୀକୃତ କରାଯିବ ନାହିଁ। ଭାଗଚାଷୀମାନେ ପଂଜୀକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ। ପଞ୍ଜୀକରଣ ପାଇଁ ଚାଷୀମାନଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ ।

ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ଚାଷୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ସରକାର ଧାନ କିଣିବେ ବୋଲି ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ସରକାର ଚାଷୀମାନଙ୍କଠାରୁ ଧାନକିଣା ପ୍ରକ୍ରିୟା ଜାରି ରଖିବେ।

ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ଯଦି କୌଣସି ଅଭିଯୋଗ ଥାଏ ସରକାରୀ କାର୍ଯ୍ୟ ସମୟରେ ୧-୯-୬-୭ ନମ୍ବରକୁ ଟେଲିଫୋନ କରି ସବିଶେଷ ତଥ୍ୟ ଜାଣିପାରିବେ।

# କାମଧେନୁ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଗୋବିନ୍ଦପୁରସ୍ଥିତ ଅରିଲୋଠାରେ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅଧୀନରେ ୨୨ଟି ଦୁଗ୍ଧ ପରିବହନ ଯାନ, ଦୁଗ୍ଧ ଗୁଣ୍ଡ ମେସିନ୍‌ର ଶୁଭାରମ୍ଭ ଓ ୬୨ଟି ଓମ୍‌ଫେଡ୍ ଆବାସିକ ପରିସରର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ମସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଉପସ୍ଥିତ ରହିଥିଲେ।

## ପୁରୀ ନାବାଳିକା ପୋଡି

**ପୁରୀ** ଜିଲ୍ଲା ବଲଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ସହ ଘଟିଥିବା ଅଘଟଣର ସ୍ଥିତି ଅନୁଧାନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି। ପୀଡିତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସର ଟ୍ରମାକେୟାରରୁ ବର୍ଣ୍ଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ସାହାର୍ଯ୍ୟରେ ପୀଡିତାଙ୍କର ଚିକିତ୍ସା ଚାଲିଛି। ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ

ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

ଏହି ଅଘଟଣ ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ ବୋଲି ଗଣମାଧ୍ୟମରେ ସୂଚନା ଦେଇ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା କହିଛନ୍ତି.....

# - V/O -

ଅନ୍ୟପକ୍ଷରେ, ବାୟାବର ଗ୍ରାମ ନିକଟରେ ପୀଡିତାଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ । ଘଟିଥିବା ଅଘଟଣର ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର ବାୟାବର ଗାଁକୁ ଯାଇ ପୀଡିତାଙ୍କ ପରିବାରବର୍ଗ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରିଛନ୍ତି । ଏହା ସହ ଫୋରେନ୍‌ସିକ୍ ଟିମ୍ ଘଟଣାର ଯାଞ୍ଚ ଆରମ୍ଭ କରିଛି ।

## ହର ଘର ନଲ-ହର ଘର ଜଲ

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି **ନୂଆପଡ଼ା** ଜିଲ୍ଲା ଗସ୍ତ କରି ଜିଲ୍ଲାରେ ଚାଲିଥିବା 'ହର ଘର ନଲ-ହର ଘର ଜଲ' କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ନାୟକ ଏହି ଯୋଜନାରେ ହିତାଧିକାରୀମାନଙ୍କ ସହ ଆଲୋଚନା କରି ପାନୀୟ ଜଳ ସମ୍ପର୍କିତ ସମସ୍ୟାଗୁଡ଼ିକ କିପରି ଦୂର ହୋଇ ପାରିଛି ସେ ବିଷୟରେ ପଚାରି ବୁଝିଥିଲେ । ନୂଆପଡ଼ା ଜିଲ୍ଲାରେ ୫ଟି ଜଳ ପ୍ରକଳ୍ପ ମାଧ୍ୟମରେ

୩୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୧୧ଟି ଗ୍ରାମର ୫୦ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦିଆଯାଉଛି। ଦେଶରେ 'ହର ଘର ନଲ-ହର ଘର ଜଲ' ଯୋଜନାର ସଫଳ ରୂପାୟନ କରିପାରିଥିବାରୁ ନୂଆପଡା ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଛି।

## ରେଳବାଇ-ଭି.ସୋମନ୍ନା

ରେଳ ରାଷ୍ଟ୍ରମନ୍ତ୍ରୀ ଭି.ସୋମନ୍ନା ଆଜି ଅପରାହ୍ଣ ୩ଟା ୧୫ ମିନିଟ୍‌ରେ ଭୁବନେଶ୍ୱର ରେଳଷ୍ଟେସନଠାରେ ରାଜ୍ୟରେ ରେଳବାଇ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ତତ୍‌ସମ୍ବନ୍ଧୀୟ ରେଳ ବିଭାଗର ବିଭିନ୍ନ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେବେ। କେନ୍ଦ୍ର ସରକାର ଚଳିତବର୍ଷ ରେଳବାଇ କ୍ଷେତ୍ରରେ ଟିକଟ ବୁକିଂଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷିତ ଯାତ୍ରା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

## ଅଫିସରଙ୍କ କାର୍ଯ୍ୟ ତର୍ଜମା

ରାଜ୍ୟ ସରକାରୀ କର୍ମଚାରୀମାନଙ୍କର କର୍ମକ୍ଷେତ୍ରରେ ପ୍ରଦର୍ଶନ ଆଧାରରେ ପଦୋନ୍ନତି ଦିଆଯିବ, କୃତ୍ରିମ ବୁଦ୍ଧିମତ୍ତା ଜରିଆରେ କର୍ମଚାରୀ ଓ ଅଧିକାରୀମାନଙ୍କ କାର୍ଯ୍ୟର ତର୍ଜମା କରାଯିବ ବୋଲି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ନିବନ୍ଧ ଅଧିକାରୀଙ୍କ ସମ୍ମିଳନୀ ଓ କର୍ମଶାଳାରେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚବ କହିଛନ୍ତି,

ରାଜସ୍ୱ ଅଧିକାରୀ ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦିଅନ୍ତୁ ।

## ଗୟଳ ବୃଦ୍ଧି

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଅଂଚଳ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବାସସ୍ଥଳି ଭାବେ ଦେଖାଯାଉଛି । ବନଖଣ୍ଡରେ ବିରଳ ଗୟଳଙ୍କ ବଂଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି ।  ଏ ସମ୍ପର୍କରେ ଆମ ଗଞ୍ଜାମ ସମ୍ବାଦଦାତା **ବିଭୂତି ଭୂଷଣ ତ୍ରିପାଠୀ** କହିଛନ୍ତି..........

## - V/O -

*ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ମାଳତୀ ସଂରକ୍ଷିତ ଜଙ୍ଗଲରେ ୧୦୦ରୁ ଅଧିକ ଗୟଳ ବସବାସ କରୁଛନ୍ତି । ସେମାନଙ୍କର ବଂଶର ବୃଦ୍ଧି ପାଇଁ ବନବିଭାଗ ପକ୍ଷରୁ ଖାଦ୍ୟ ପାଇଁ ଚାରଣଭୂମି, ପିଇବା ପାଣିର ବ୍ୟବସ୍ଥା ସହିତ ଜଙ୍ଗଲରେ ପୋଖରି ନିର୍ମାଣ କରାଯାଉଛି । ଗୟଳମାନଙ୍କର ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ୱାଚ୍ ଟାୱାର ତିଆରି ଚାଲିଛି । ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ଗୟଳ ଗଣନା ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ସରକାରୀସ୍ତରରେ ଏହି ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ।*

## ବନ୍ୟା ସ୍ଥିତି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀରେ  ବନ୍ୟା ପରିସ୍ଥିତି ଯୋଗୁଁ **କେନ୍ଦ୍ରାପଡ଼ା** ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୨ ଟି ପଞ୍ଚାୟତ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ପରିସ୍ଥିତି ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ଆମ କେନ୍ଦ୍ରାପଡା ସମ୍ବାଦଦାତାଙ୍କ ରିପୋର୍ଟ...

**- V/O -**

## ଡଙ୍ଗାବୁଡି

**ମାଲକାନଗିରି** ଜିଲ୍ଲାର ବାଲିମେଳା ଜଳଭଣ୍ଡାରରେ ଗତକାଲି ଡଙ୍ଗାବୁଡି ଘଟଣାରେ ବର୍ତ୍ତମାନସୁଦ୍ଧା ଜଣେ ନିଖୋଜ ଥିବା ଜଣାପଡିଛି। ଗତକାଲି ସନ୍ଧ୍ୟାରେ ନାକାମାମୁଡି ରୁ ତାଳପଦରକୁ ୫ ଜଣ ଡଙ୍ଗାରେ ଯାତ୍ରା କରୁଥିବା ସମୟରେ ଡଂଗାଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ୪ ଜଣ ପହଁରି କୂଳରେ ପହଂଚିଥିଲେ। ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ପୁଲିସ୍ ମକ୍‌ଡ୍ରିଲ

ପ୍ରତିକୂଳ ପରିସ୍ଥିତିରେ ପୁଲିସ୍ କିପରି ସମସ୍ତ ପ୍ରକାର ମୁକାବିଲାର ସମ୍ମୁଖୀନ ହୋଇପାରିବ ସେ ନେଇ **ନୂଆପଡ଼ା** ଜିଲ୍ଲା ପୁଲିସ୍ ରିଜର୍ଭ ପଡିଆରେ ପୁଲିସ୍ କର୍ମଚାରୀମାନଙ୍କର  ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା

ପୁଲିସ୍ ଆରକ୍ଷୀ ଅଧିକ୍ଷକ ଜି.ଆର.ରାଘବେନ୍ଦ୍ର ଯୋଗଦେଇ ପୁଲିସ୍‌ର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ।

## ଚାଷୀ ପଞ୍ଜୀକରଣ

**ଭଦ୍ରକ** ଜିଲ୍ଲାରେ ଖରିଫ୍ ବର୍ଷ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଚାଷୀମାନେ ସମବାୟ ସମିତି ଜରିଆରେ  ଆବେଦନ ଫର୍ମ  ଦାଖଲ କରିଛନ୍ତି। ଆସନ୍ତା ଅଗଷ୍ଟ ୨୫ ତାରିଖ ସୁଦ୍ଧା ଶେଷ ହେବ ବୋଲି ଜଣାପଡିଛି।

## ତାଲିମ୍ ଶିବିର

ବିକଶିତ ଭାରତ ଗଠନରେ ଓଡ଼ିଶାର ଭୂମିକା ଏବଂ ଜିଲ୍ଲାର ଦାୟିତ୍ୱକୁ ନେଇ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ପାରିଷଦଙ୍କୁ ନେଇ **ନୟାଗଡ଼** ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ତାଲିମ୍ ଶିବିର ଆଜି ଅନୁଷ୍ଠିତ ହୋଇଛି। ୨୦୩୬ ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ସରକାର ନେଇଥିବା ପଦକ୍ଷେପରେ ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଶିବିରରେ ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିର ସଫଳ ରୂପାୟନ ଦିଗରେ ପରାମର୍ଶ ଦିଆଯାଇଥିଲା।

## ବିଶ୍ୱ ପୁଲିସ୍ ଓ ଅଗ୍ନିଶମ କ୍ରୀଡା

ଆମେରିକାର ବର୍ମିହାମ୍‌ଠାରେ ଆୟୋଜିତ ହୋଇଥିବା 'ବିଶ୍ୱ ପୁଲିସ୍ ଓ ଅଗ୍ନିଶମ କ୍ରୀଡା ୨୦୨୫'ରେ ଭାରତୀୟ ଦଳରେ ଅଂଶଗ୍ରହଣ କରି ଓଡ଼ିଶା

ପୁଲିସ୍‌କୁ ଗୌରବାନ୍ୱିତ କରିଥିବା କ୍ରୀଡାବିତ୍‌ମାନେ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଓଡ଼ିଶା ପୁଲିସ୍ ପକ୍ଷରୁ ଡିସିପି ଜଗମୋହନ ମୀନା କ୍ରୀଡାବିତ୍‌ଙ୍କୁ ବିମାନ ବନ୍ଦର ନିକଟରେ ସ୍ୱାଗତ କରିଛନ୍ତି।  ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସେମାନଙ୍କୁ ପୁଲିସ୍ ସେବା ଭବନକୁ ଅଣାଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୩ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇ  ଉତ୍ତର ବଙ୍ଗୋପସାଗରରେ ପଶ୍ଚିମବଙ୍ଗ ସଂଲଗ୍ନ ଅଂଚଳରେ ଲଘୁଚାପ ଅବପାତର ରୂପ ନେବ। ୨୬ ତାରିଖ ବେଳକୁ ସ୍ଥଳଭାଗ ଆଡକୁ ଗତି କରିବ। ଏହାର ପ୍ରଭାବରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ବଜ୍ରପାତର ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ପାଣିପାଗ ବିଜ୍ଞାନୀମାନଙ୍କ ଆକଳନ ଅନୁସାରେ, ଆଜି ଏବଂ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହିତ ବଜ୍ରପାତର ସମ୍ଭାବନା ରହିଛି।